# Akashvani, Sambalpur

## SAMBALPURI NEWS EVENING BULLETIN

## 12 August 2026-7.02- 7.12 pm.

---

୧- ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଛେ ରାଜ୍ୟ କେବିନେଟ୍ ବୈଠକ୍ ।

୨- ଚଲ୍‌ତି ବଛର୍ ବଏଢ୍‌ଥି ରାଜ୍ୟର୍ ୨୪ ଟା ଜିଲ୍ଲାର୍ ୮ ଶହ ୭୯ ଟା ପଂଚାୟତ୍ ହେଇଛେ କ୍ଷତିଗ୍ରସ୍ତ-ସୂଚ୍‌ନା ଦେଲେ ରାଜସ୍ୱ ମନ୍ତ୍ରୀ ।

୩- ରାଜ୍ୟର୍ ୫୫ ଝନ୍ ପୁଲିସ୍ ଅଧିକାରୀ ଆଉ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ୍ କଲେ ପୁଲିସ୍ ମହାନିର୍ଦ୍ଦେଶକ୍ ।

ଆଉର୍

୪- ଆଏଜ୍ ବାହାର୍‌ଲା ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଫଲ୍ ।

ରାଜ୍ୟ କେବିନେଟ        ଭୁବନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ରାଜ୍ୟ କେବିନେଟ୍‌ର ବୈଠକ୍ ଚାଲିଛେ । ବୈଠକ୍‌ଥି ଭିନ୍ ଭିନ୍ ଜରୁରୀ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲ୍‌ବାର୍ ସମ୍ଭାବନା ରହିଛେ । ଇଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଅଲ୍‌ଗା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଅଛନ୍ ।

ବନ୍ୟା କ୍ଷୟକ୍ଷତି        ହି.ସ.

ଚଲ୍‌ତି ବଛର୍ ବଏଢ଼୍‌ଥି ରାଜ୍ୟର୍ ୨୪ ଟା ଜିଲ୍ଲାର୍ ଶହେ ୫୪ ଟା ବ୍ଲକ୍‌ର ୮ ଶହ ୭୯ ଟା ପଂଚାୟତ୍ କ୍ଷତିଗ୍ରସ୍ତ ହେଇଛେ । ଇଥି ୨ ହଜାର୍ ୮ ଶହ ୫୫ ଟା ଗାଁ ପ୍ରଭାବିତ୍ ହେଇଥିବାର୍ ବେଲେ ସହରାଂଚଲ୍‌ର ୨ ଶହ ୯ ଟା ୱାର୍ଡ଼୍‌ଥି ୧୩ ଲାଖ୍ ୭୨ ହଜାର୍ ୩ ଶହ ୩୮ ଝନ ପ୍ରଭାବିତ୍ ହେଇଛନ୍ । ବଏଢ଼୍ କ୍ଷୟକ୍ଷତିର୍

ଆକଲନ୍‌କେ ନେଇକରି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଇଟା କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ବଏଡ଼୍ ସମିଆଥି ୩ ଶହ ୬୬ ଟା ଗାଁ ନୁ ୭ ଲାଖ୍ ୨୨ ହଜାର୍ ୭ ଶହ ୩୨ ଝନ୍‌କୁ ସ୍ଥାନାନ୍ତର୍ କରାଯାଇଛେ । ବଏଡ଼୍ ବେଲ୍‌କେ ୩୯ ହଜାର୍ ୮ ଶହ ୨୪ ହେକ୍ଟର୍ ଚାଷ୍ ଜମି ଆଉ ୫ ହଜାର୍ ୪୪ ଟା ଘର୍ କ୍ଷତିଗ୍ରସ୍ତ ହେଇଛେ ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ । କୃଷି ବିଭାଗ୍‌ର କ୍ଷୟକ୍ଷତି ଆଉ ସାହାଜ୍ ବାବ୍‌ଦେ କେବିନେଟ୍‌ଥି ଆଲୋଚନା ହେବା । ଚାଷୀମାନ୍‌କୁ ସ୍ୱଳ୍ପ ମିଆଦୀ ଧାନ୍ ବିହନ୍ ଯୁଗେଇ ଦିଆଯିବାର୍ ସହେତେ ପନିପରିବା ଚାଷୀମାନ୍‌କୁ ଅଏତ୍‌କା ସାହାଜ୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ରାଜ୍ୟପାଲ୍ ଆଇ.ଆଣ୍ଡ୍.ପି.ଆର୍

ସମାବେଶୀ ବିକାଶ୍ ଜରିଏ ରାଜ୍ୟର୍ ଯୁବକ୍, ମହିଳା, ଶିଳ୍ପୀ ଆଉ ପହେଲା ପିଢ଼ି ଉଦ୍ୟୋଗୀମାନ୍‌କର୍ ଲାଗି ସୁଯୋଗ୍ ତିଆର୍ କର୍‌ବାର୍ ଆବଶ୍ୟକତା ଅଛେ ବଲି ରାଜ୍ୟପାଲ୍ ଡକ୍ଟର୍

ହରିବାବୁ କମ୍ମମ୍ପାଟି କହିଛନ୍ । ଇତାର୍‌ଛଡ଼ା ଓଡ଼ିଶାର୍ ଗ୍ରାମୀଣ ଆଉ ଆଦିବାସୀ ଇଲାକା ନ ଉଦ୍ୟମିତାକେ ଅଏତ୍‌କା ପ୍ରସାରିତ୍ କର୍‌ବାର୍ ଲାଗି ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ । ଓ.ଏ.ଏସ୍.ଏମ୍.ଇ. ର ପ୍ରତିଷ୍ଠା ଦିବସ୍ ଆଉ ରାଜ୍ୟସ୍ତରୀୟ ସମ୍ମିଲନୀ -୨୦୨୬ ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ ସ୍ଥାନୀୟ ଦକ୍ଷତାକେ ପ୍ରଯୁକ୍ତି ଆଉ ବଜାର୍ ସାଙ୍ଗେ ଜୁଡ଼୍‌ବାର୍ ସହେତେ ଉଦ୍ୟୋଗୀମାନ୍‌କୁ ପୁଞ୍ଜି ତାଲିମ୍ ଆଉ ବଜାର୍ ପ୍ରବେଶ୍‌କେ ସୁନିଶ୍ଚିତ୍ କର୍‌ବାର୍‌କେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଆଉ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଡିଜିପି ଡିସ୍କ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ପୁଲିସ୍ ଭବନ୍ ଠାନେ ଆୟୋଜିତ୍ ଗୁଟେ ଖାସ୍ ସମାରୋହଥି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ୫୫ ଝନ୍ ପୁଲିସ୍ ଅଧିକାରୀ ଆଉ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ୍ କରିକରି ସମ୍ମାନିତ୍

କରିଛନ୍ । ସେମାନ୍‌କର୍ ସେବା, କର୍ତବ୍ୟ ନିଷ୍ଠା ଆଉ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଲାଗି ଡିଜିପି ପଦକ୍ ଆଉ ମାନପତ୍ର ଦିଆୟାଇଛେ । ଇନ ଜନେଇ ଦିଆୟାଇପାରେ ଯେ, ୯୧ ତମ ଓଡ଼ିଶା ପୁଲିସ୍ ପ୍ରତିଷ୍ଠା ଦିବସ୍ ଅବ୍‌ସରେ କାର୍ଯ୍ୟକ୍ଷେତ୍ରଥି ଉଲ୍ଲେଖନୀୟ ସେବା ଲାଗି ଇ ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ନାଁ ଘୋଷ୍‌ନା କରାୟାଇଥିଲା । ଇ ଅବ୍‌ସରେ ରାଜ୍ୟ ପୁଲିସ୍ ମୁଖ୍ୟାଲୟର୍ ବହୁତ୍ ବରିଷ୍ଠ ପୁଲିସ୍ ଅଧିକାରୀ ଉପସ୍ଥିତ୍ ଥିଲେ ।

ଅଶ୍ୱିନୀ ବୈଷ୍ଣବ-ଅନୁଦାନ୍ ପି.ଆଇ.ବି.

କେନ୍ଦ୍ର ରେଲ, ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ତାଙ୍କର୍ ସାଂସଦ ପାଣ୍ଠିନୁ ୩କୋଟି ୧୦ଲାଖ୍ ଟଙ୍କା ଅନୁଦାନ୍ ଦେଇଛନ୍ । ଇ ଟଙ୍କା ଚିକିତ୍ସା ଭିତିଭୂମି ଉନ୍ନତିକରଣ ଲାଗି ଖର୍ଚ୍ଚା ହେବା । ନୀଳଗିରି ଉପଖଣ୍ଡ ଡାକ୍ତରଖାନାକେ ୧କୋଟି ୪୦ଲାଖ ଟଙ୍କା ଆଉ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକେ

୧କୋଟି ୭୦ ଲାଖ୍ ଟଙ୍କା ଦେବାର୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ସୁପାରିସ୍ କରିଛନ୍ ।

ପାନ୍‌ମସ୍‌ଲା ପାଉଚ୍       ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଖାଦ୍ୟ ସୁରକ୍ଷା ଆଉ ମାନକ ପ୍ରାଧିକରଣ୍ - ଏଫ.ଏସ୍.ଏସ୍.ଏ.ଆଇ. ପାନ୍ ମସ୍‌ଲା ପେକେଜିଂକେ ନେଇକରି ସଂଶୋଧିତ୍ ନିୟମାବଲୀ ଲାଗୁ କରିଛେ । ପ୍ଲାଷ୍ଟିକ୍ ସିନ୍ଥେଟିକ୍ ପଲିମର୍, ପଲିଥିନ୍, ଆଲୁମିନିୟମ ଫଏଲ୍ ଆଉ ଅଲ୍‌ଗା ପ୍ଲାଷ୍ଟିକ୍ ବାଗିର୍ ଫଏଲ୍ ଉପ୍‌ରେ ପ୍ରତିବନ୍ଧକ୍ ଲଗାୟାଇଛେ । ଇଥିର୍‌ଲାଗି ପ୍ଲାଷ୍ଟିକ୍‌ମୁକ୍ତ କାଗଜ୍, ପେପର୍‌ବୋଡ଼୍, ସେଲ୍ୟୁଲୋଜ୍ କି ପ୍ରାକୃତିକ୍ ଦରବ୍ ବେଭାର୍ କରାୟାଇପାର୍‌ବା ବଲି ପ୍ରାଧିକରଣ୍ ତର୍‌ଫୁ କୁହାୟାଇଛେ । ପରିବେଶ୍ ପ୍ରଦୂଷଣ୍‌କେ ନଜର୍‌ଥି ରଖିକରି ଇ ସଂଶୋଧିତ୍ ନିୟମାବଲୀ ଲାଗୁ କରାୟାଇଛେ ।

ସ୍ୱାଧୀନତା ଦିବସ୍ -ପରେଡ୍       ହି.ସ.

ଆଏବା ସ୍ୱାଧୀନତା ଦିବସ୍ ପାଲନ୍ ଲାଗି ଭୁବ୍‌ନେଶ୍ୱର୍‌ର ମହାତ୍ମାଗାନ୍ଧୀ ମାର୍ଗ ନ ରାଜ୍ୟସ୍ତରୀୟ ପରେଡ୍‌ର ଅଭ୍ୟାସ୍ ମୁଲ୍ ହେଇଛେ । ୫୧ ଟା କଂଟିଜେଂଟ୍ ଇ ଅଭ୍ୟାସ୍‌ଥି ସାମିଲ୍ ହେଇଛନ୍ । ଓଡ଼ିଶା ପୁଲିସ୍ ସହେତେ ଭିନ୍ ଭିନ୍ ସୁରକ୍ଷା ବାହିନୀ ଏନ୍‌ସିସି କେଡ଼େଟ୍, ସ୍କାଉଟ୍, ଗାଇଡ୍ ଆଉ ସ୍କୁଲ୍ ଆର୍ କଲେଜ୍‌ର ଛାତ୍ରଛାତ୍ରୀମାନେ ଭାଗ୍ ନେବେ । ଆଏବା ୧୩ ତାରିଖ୍ ଇଥିର୍‌ଲାଗି ଫୁଲ୍‌ଡ୍ରେସ୍ ରିହଲ୍‌ସେଲ୍ ହେବା । ସ୍ୱାଧୀନତା ଦିବସ୍‌କେ ନଜର୍‌ଥି ରଖିକରି ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ ।

ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷାଫଲ୍ ଏକ୍ସ

ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ ସପ୍ଲିମେଂଟାରୀ ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ଇଥି ପାସ୍ ହାର ୬୩ ଦଶ୍‌ମିକ୍ ୬/୪ ପ୍ରତିଶତ୍ ରହିଛେ । ଚଲ୍‌ତି ବଛର୍ ସପ୍ଲିମେଂଟାରୀ ପରୀକ୍ଷାଥି ୫ ହଜାର୍ ୬୦ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାର୍ ବେଳେ ସେଥୁ ୩ ହଜାର୍ ୬ ଶହ ୬୬ ଝନ୍ ପାସ୍ କରିଛନ୍ । ସେନ୍ତା ରାଜ୍ୟ ମୁକ୍ତ ବିଦ୍ୟାଳୟ

ପରୀକ୍ଷାର୍ ଫଲ୍ ଭିଲ୍ ଆଏଜ୍ ବାହାରିଛେ । ଯେନ୍‌ଥି ପାସ୍ ହାର ୬୨ ଦଶ୍‌ମିକ୍ ୬/୭ ରହିଛେ ।

ଚିତାଲାଗି ଅମାବାସ୍ୟା ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଶ୍ରାବଣ୍ ମାସର୍ ଅନ୍ଧାର୍ ପଖର୍ ଉଆଁସ୍ ତିଥି ନ ଆଏଜ୍ ମାହାପୁରୁମାନ୍‌କର୍ ଚିତାଲାଗି ନୀତି କରାଯାଇଛେ । ଶ୍ରୀମନ୍ଦିର୍ ନ ଦାରୁବିଗ୍ରହଙ୍କୁ ଦଇତାପତି ସେବକ୍‌ମାନେ ରତ୍ନ ଚିତା ଲାଗି କରେଇଛନ୍ । ତିନିବାଡ଼ର ବାଡ଼ଗ୍ରାହୀ ଆଉ ଦଇତାପତି ସେବକ୍‌ମାନେ ଶ୍ରୀଅଙ୍ଗ ନ ଅଲଙ୍କାର୍ ଲାଗି କରେଇଛନ୍ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଧୋପ୍ ହୀରା ଲାଗିଥିବା ସୁବର୍ଣ୍ଣ ଚିତା ଧାରଣ୍ କରିଛନ୍ । ବଡ଼ଠାକୁର ବଳଭଦ୍ର ନୀଳା ଆଉ ଦେବୀ ସୁଭଦ୍ରା ମାଣିକ ଲାଗିଥିବା ସୁବର୍ଣ୍ଣ ଚିତା ଧାରଣ୍ କରିଛନ୍ । ଇଥିର୍‌ଲାଗି ପହେଲା ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ଦୁଇପହରର୍ ୨ବଜେ ନୁ ସଞ୍ଝର୍ ୭ ବଜେତକ୍ ୫ ଘଂଟା ଲାଗି ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଥିଲା ।

ବନକଲାଗି ନୀତି         ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଶ୍ରାବଣ୍ ମାସର୍ ପ୍ରତିପଦା ତିଥି ନ ଆଏବା କାଏଲ୍ ମାହାପୁରୁମାନ୍‌କର୍ ବନକଲାଗି ନୀତି କରାଯିବା । ଇଥିର୍‌ଲାଗି ୨ ନମ୍ବର୍ ଭୋଗ ମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ବେଲ୍‌ବୁଡ଼ର୍ ୬ ନୁ ରାତି ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ହାତୀ ଦିବସ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ହାତୀମାନ୍‌କର୍ ସୁରକ୍ଷା ଆଉ ସଂରକ୍ଷଣ ବାର୍ତା ନେଇକରି ୨୦୧୧ ମସିହାନୁ ଆଝିରର୍ ଦିନ୍‌କେ ବିଶ୍ୱ ହାତୀ ଦିବସ୍ ଭାବେ ପାଲନ୍ କରାଯାଉଛେ । ୨୦୨୪ ହାତୀ ଗନ୍‌ତି ରିପୋର୍ଟ ଅନ୍‌ସାରେ, ରାଜ୍ୟର୍ ୨୮ଟା ଜିଲ୍ଲାର ୪୮ଟା ବନଖଣ୍ଡ ନ ହାତୀ ସଂଖ୍ୟା ୨ ହଜାର ଶହେ ୩ ଥିଲା । ରାଜ୍ୟର ୧୩ଟା ବନଖଣ୍ଡ ନ ବିଲ୍‌କୁଲ୍ ହାତୀ ନାଇଥିବାର୍ ବେଲ୍‌କେ ଢେଙ୍କାନାଲ୍ ନ ସବୁନୁ ଜହ ୨ ଶହ ୯୧ଟା ହାତୀ ଅଛନ୍ । ରାୟଗଡ଼ା ଆଉ ଝାରସୁଗୁଡ଼ା ବନ

ଖଣ୍ଡ ନ ଗୁଟେ ଲେଖା ହାତୀ ଥିବା ଗନ୍ତି ନୁ ଜନାପଡ଼ିଛେ । ୨୦୧୭ ମସିହାର୍ ହାତୀ ଗନ୍ତି ତୁଲ୍‌ନାଥି ୨୦୨୪ ମସିହା ବେଲ୍‌କେ ଅଏତ୍‌କା ଶହେ ୬୦ଟା ହାତୀ ବଢ଼ିଛନ୍ । ହାତୀକର୍ ଚଲାଚଲ୍ ଲାଗି ୧୪ଟା ହାତୀ କରିଡର୍ ବ୍ୟବସ୍ଥା କରାଯାଇଛେ ।

ବିଶ୍ୱ ହାତୀ ଦିବସ୍ ଅବ୍‌ସରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍‌ର ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍....

(ଭଏସ୍ ଓଭର୍-ଅଂଶୁପ୍ରଜ୍ଞା ଦାସ)

ଇ ଦିବସ୍ ଅବ୍‌ସରେ ଓଡ଼ିଶା ସର୍‌କାର୍‌ଙ୍କର୍ ବନ୍ୟପ୍ରାଣୀ ସଂରକ୍ଷଣ୍ ଆଉ ସେଭ୍ ଆଲିଫେଂଟ୍ ଫାଉଣ୍ଡେସନ୍ ଟ୍ରଷ୍ଟର ମିଲିତ୍ ସହଯୋଗ୍‌ଥି ଭୁବ୍‌ନେଶ୍ୱର୍ ନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଗଜସାଥୀମାନ୍‌କର୍ ଲାଗି କମ୍ ପ୍ରିମିୟମ୍‌ଥି ଦୁର୍ଘଟଣାଜନିତ ମୃତ୍ୟୁ ବୀମା ସୁବିଧା ଦେବାର୍ ଲାଗି ସର୍‌କାର୍ ବିଚାର୍ କରୁଥିବାର୍ ବାବ୍‌ଦେ କହିଛନ୍ ।

ହର୍‌ଘର୍ ତ୍ରିରଙ୍ଗା-ଜିଲ୍ଲା         କଲାହାଣ୍ଡି/ଦେବ୍‌ଗଡ଼୍ /ବୌଦ୍ଧ

ହର୍‌ଘର୍ ତିରଙ୍ଗା ଅଭିଯାନ୍ -୨୦୨୬ ଅବ୍‌ସରେ ଆଏଜ୍ ଦେବ୍‌ଗଡ଼୍ ସହର୍ ନ ଗୁଟେ ବିଶାଲ୍ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ୍ ହେଇଯାଇଛେ । ଉପ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଇନ୍‌ଡୋର୍ ଷ୍ଟାଡ଼ିୟମ୍‌ତକ୍ ହେଇଥିବା ରେଲିଥି ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ଏନ୍‌ସିସି କେଡ଼େଟ୍, ସ୍ୱେଚ୍ଛାସେବୀ ଆଉ ସାଧାରଣ୍ ଲୁକେ ଯୋଗ୍ ଦେଇଥିଲେ ।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ୍ କଳାହାଣ୍ଡି ଶାଖା ତର୍‌ଫୁ ଆୟୋଜିତ ତ୍ରିରଙ୍ଗା ରେଲିଥି ବହୁତ୍‌ଟେ ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲା ନ ଇ ଅବ୍‌ସରେ ଗୁଟେ ସାଇକଲ୍ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ନ ଇ ଶୋଭାଯାତ୍ରା ବାହାରିକରି ସହର୍ ପରିକ୍ରମା କରିଥିଲା । ଶୋଭାଯାତ୍ରାକେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଶୁଭାରମ୍ଭ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ହେଇଥିବା ଘୂର୍ଣ୍ଣିବଲୟ ଆଏଜ୍ ଲଘୁଚାପ୍ କ୍ଷେତ୍ରଥି ବଦ୍‌ଲିବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୧୭ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଲନ୍ କରାଯାଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଅନୁଗୁଲ୍ ଆଉ କେନ୍ଦୁଝର୍ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ।